# ତିନିଛକିଆ-ବେଲଗୁଣ୍ଠା ରାସ୍ତା ପାଇଁ ୪୫ କୋଟି ଖର୍ଚ୍ଚ ହେବ


ମନ୍ତ୍ରୀ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରୁଛନ୍ତି।

ଭଞ୍ଜନଗର,୩୧।୧(ବାବୁଲା ପ୍ରଧାନ): ଭଞ୍ଜନଗର ବ୍ଲକ ଲେମ୍ଭେଇ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ବୁଧବାର ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦଘାଟନ କରିଛନ୍ତି। ଏହି ଅବସରରେ ଲେମ୍ଭେଇ ଠାରେ ଆୟୋଜିତ ସାଧାରଣ ସଭାରେ ମନ୍ତ୍ରୀ ଆରୁଖ କହିଥିଲେ ଯେ ବିଗତ ଦିନରେ ଏହି ପଞ୍ଚାୟତର ବିରୋଧୀ ଦଳରୁ ନିର୍ବାଚିତ ପ୍ରତିନିଧିମାନେ ପଞ୍ଚାୟତର ଉନ୍ନତି କରିନାହାନ୍ତି। ବର୍ତ୍ତମାନ ଏହି ପଞ୍ଚାୟତର ଉନ୍ନତି ପାଇଁ ଶାସକ ଦଳ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ତିନିଛକିଆରୁ ଭାୟା ଲେମ୍ଭେଇ, ଗେରେଡ଼ା, ପ୍ରତାପୁର ବେଲଗୁଣ୍ଠା ରାସ୍ତା ପାଇଁ ୪୫ କୋଟି ବ୍ୟୟ ହେବ। ପୂର୍ତ୍ତ ବିଭାଗ ତାହାର ଦାୟିତ୍ୱ ନେଇଛି। ଉକ୍ତ ରାସ୍ତା ସମ୍ପ୍ରସାରଣ ହେଲେ ଜଗନ୍ନାଥପ୍ରସାଦ ବ୍ଲକର ଅନେକ ପଞ୍ଚାୟତବାସୀ ଉପକୃତ ହେବେ ବୋଲି ମନ୍ତ୍ରୀ ଆରୁଖ କହିଥିଲେ। ବୈଠକର ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଭଞ୍ଜନଗର ବିଡିଓ ଶଶିଭୂଷଣ ମହାପାତ୍ର ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ପ୍ରଭାସିନୀ ପ୍ରଧାନ, ସମିତି ସଭ୍ୟ ଦେବଦତ୍ତ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ, ଉପାଧ୍ୟକ୍ଷ ରାଜଲକ୍ଷ୍ମୀ ପ୍ରଧାନ, ଏମପି ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ଜିଲାପରିଷଦ ସଭ୍ୟା ଭାଗ୍ୟଲତା ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମଘନ ପ୍ରଧାନ, ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ଉମାକାନ୍ତ ମିଶ୍ରଙ୍କ ପୁତ୍ର ରଞ୍ଜିତ ମିଶ୍ର, ଠିକାଦାର ହାଡିବନ୍ଧୁ ନାୟକ, ସନକୋଦଣ୍ଡା ସମିତି ସଭ୍ୟା ନମିତା ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ତ୍ରୀ ବୁଧବାର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ପ୍ରହ୍ଲାଦ ଏମ୍‌ଇ ସ୍କୁଲ ନୂତନ କୋଠା, ପଞ୍ଚାୟତ କାର୍ଯ୍ୟାଳୟ ନୂତନ କୋଠା, ଗୋଷ୍ଠୀ କେନ୍ଦ୍ର ପ୍ରମୁଖ ଉଦଘାଟନ କରିଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ପୁରୁଷୋତ୍ତମପୁର,୩୧।୧(ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଏନ୍‌ଏସି ପକ୍ଷରୁ ଆମ ଓଡ଼ଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାହି ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଖଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ,ଏନ୍‌ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼, ବ୍ଲକ ଶିକ୍ଷାଧିକାରୀ କିଶୋର କୁମାର ବେହେରା, କାଉନସିଲର ଅଶୋକ କୁମାର ମହାଙ୍କୁଡ ଯୋଗଦେଇଥିଲେ। ପ୍ରତିଯୋଗିତାରରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ବହୁ କାଉନସିଲର ଯୋଗ ଦେଇଥିବା ବେଳେ ଏନଏସିର ସହରୀ ମିଶନ ପ୍ରବନ୍ଧକ ଶ୍ରଦ୍ଧାଞ୍ଜଳି ନାୟକ ପରିଚାଳନା କରିଥିବା ବେଳେ ଗୋଷ୍ଠୀ ସଙ୍ଗଠିକା ରଞ୍ଜିତା କୁମାରୀ ପଣ୍ଡା, କନିଷ୍ଠ ଯନ୍ତ୍ରୀ ରଶ୍ମିରାଣୀ ନାହାକ, ଏସିଟିପି ଟିଆରପି ଦୀପ୍ତି ରାଣୀ ପଣ୍ଡା, ସଙ୍ଗୀତା ନାହାକ, ଆଲୋକ ସାହୁ, ସାଗର ଗୌଡ଼ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୋଗ୍ରାମ ମୁକ୍ତା ବିକାଶ ପାଧିକରଣ ସଂଗ୍ରାମ କେଶରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା

ଶେରଗଡ଼, ୩୧।୧(ସୂର୍ଯ୍ୟନାରାୟଣ ଦାଶ): ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଶୁଭ୍ରାଂଶୁ କୁମାର ମିଶ୍ର ବୁଧବାର ଶେରଗଡ଼ ବ୍ଲକ ପରିଦର୍ଶନରେ ଆସି ଦୁଇଟି କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ କାର୍ଯ୍ୟ ସମୀକ୍ଷା ସହ ନେତାଙ୍କୁ ଭେଟି ଫେରିଛନ୍ତି। ସେ ନରେନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବରେ ମୁଖଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦ ସଭ୍ୟ ମନୋରମା ପଲେଇ, ବରୁଣ ପଲେଇ, ତହସିଲଦାର ତ୍ରିଦେବ ରଥ, ଶରତ ଚନ୍ଦ୍ର ପାତ୍ର, ଦିଗାମ୍ବର ନାୟକ, ବିଇଓ ଉପେନ୍ଦ୍ର କୁମାର ପାଢୀ ଯୋଗଦେଇ ଥିଲେ। ୧୩୫ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ କୃଷ୍ଣଛାଇ ପଞ୍ଚାୟତର ଆମ ଓଡିଶା ନବୀନ ଓଡିଶା ସଚେତନତା ଶିବିରରେ ଯୋଗଦେଇଥିଲେ। କୃଷ୍ଣଚନ୍ଦ୍ର ନାୟକ, ଉପାଧ୍ୟକ୍ଷ ସାଧୁସ୍ମିତା ପଟ୍ଟନାୟକ, କାହ୍ନୁଚରଣ ପଟ୍ଟନାୟକ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ବରିଷ୍ଠ ନେତା ହୃଷିକେଶ ପାଢୀ, ହୀନ ବେହେରା, ଗୌରହରି ବିଷୋୟୀ, ମହୁପଦର ସରପଞ୍ଚ ଟୁକୁନା ଦାସ, ଶିବାଜୀ ବିଷୋୟୀ ଯୋଗଦେଇଥିଲେ।

### ତାଲୁକ ଆଇନ ସେବା କମିଟି ପକ୍ଷରୁ ସଚେତନତା

ଛତ୍ରପୁର,୩୧।୧ (ଦିଲୀପ ସାମଲ): ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ସରକାରୀ ଆଇଟିଆଇ ପରିସରରେ କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ମନୋରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସଡିଜେଏମ ପ୍ରୀତିଶ କୁମାର ରଥ, ଛତ୍ରପୁର ଏସଡିପିଓ ଗୌରହରି ସାହୁ, ଡେପୁଟି କଲେକ୍ଟର ଆର୍ଯ୍ୟ କୁମାର, କମିଟିର ସଭ୍ୟ ମନୋଜ କୁମାର ପାଢୀ, ଆଇନଜୀବୀ ଏସ. ଶ୍ୟାମ କୁମାର ରାଓ ଓ ଗିରିଶ କୁମାର ଶତପଥି ପ୍ରମୁଖ ଯୋଗଦେଇ 'ନାଗରିକମାନଙ୍କର ସାମ୍ବିଧାନିକ ଅଧିକାର ଏବଂ କର୍ତ୍ତବ୍ୟ' ସମ୍ପର୍କରେ ସଚେତନତା କରାଇଥିଲେ। ଆଇଟିଆଇ ଅଧ୍ୟକ୍ଷ ଇଂ ପ୍ରିୟବ୍ରତ ପଣ୍ଡା, ଅନୁପ ରଣା, ଦୁର୍ଯ୍ୟୋଧନ ମହନ୍ତ, ବିନୟ ନାଥ ମୁର୍ମୁ ଓ ରୁଦ୍ର ନାରାୟଣଙ୍କ ସମେତ ବହୁ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ବୁଗୁଡ଼ା,୩୧।୧(କାଳିଚରଣ ଦାଶ): ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ମୁଖ୍ୟ ବକ୍ତା ଭାବେ ବାଲିପଦର ଡିଗ୍ରୀ କଲେଜ ଅଧ୍ୟକ୍ଷ ବିବେକାନନ୍ଦ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ରାଜଲକ୍ଷ୍ମୀ ପ୍ରଧାନ ଯୋଗଦେଇଥିଲେ। ମାଷ୍ଟର ଟ୍ରେନର୍ ଭାବେ ପ୍ରିୟଙ୍କା ସ୍ୱାଇଁ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କୋଅର୍ଡିନେଟର ସୁଜାତା କୁମାରୀ ପଟ୍ଟନାୟକ ଶିବିରକୁ ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ସ୍ମିତାରାଣୀ ସାହୁ, ଶିଶିର କୁମାର ନାୟକ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ କାହ୍ନୁ ଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### କୁଷ୍ଠ ରୋଗ ନିରାକରଣ ସଚେତନତା କାର୍ଯ୍ୟକ୍ରମ

ଫୁଲବାଣୀ, ୩୧।୧(ରାକେଶ କୁମାର ରାଉତ)-କନ୍ଧମାଳ ଜିଲାକୁ କୁଷ୍ଠ ରୋଗ ମୁକ୍ତ କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠିତ ହୋଇଯାଇଛି। ସମାଜରେ କୁଷ୍ଠ ରୋଗ ଓ ରୋଗୀଙ୍କ ପ୍ରତି ଥିବା ମାନସିକତାକୁ ପରିବର୍ତ୍ତନ କରିବା ଏବଂ ସେମାନଙ୍କୁ ସହଯୋଗର ହାତ ବଢ଼ାଇବା ଲାଗି ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏହି ରାଲି ବାହାରି ସହର ପରିକ୍ରମା କରିଥିଲା। ଛାତ୍ରୀଛାତ୍ରମାନେ ଏଥିରେ ସାମିଲ ହୋଇ ବିଭିନ୍ନ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରାଇଥିଲେ। ଏହି ଉପଲକ୍ଷେ ଏକ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ କନ୍ଧମାଳ ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ଯୋଗଦେଇ ଜିଲାରୁ କିପରି କୁଷ୍ଠ ରୋଗକୁ ସମ୍ପୂର୍ଣ୍ଣ ନିରାକରଣ କରାଯିବ ତାହା ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ଡା.ବିଜୟ କୁମାର ପଣ୍ଡା, ଡା.କଲ୍ୟାଣୀ ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ।

# ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

କବିସୂର୍ଯ୍ୟନଗର,୩୧।୧(କୃପାସିନ୍ଧୁ ସ୍ୱାଇଁ)




କବିସୂର୍ଯ୍ୟନଗର ଡ଼. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟରେ ଚାଲିଥିବା 'ନୂଆ -ଓ' ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ବୁଧବାର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଅବନିରଞ୍ଜନ ମିଶ୍ରଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ମୁଖ୍ୟ ବକ୍ତା ପରିଚାଳନା କମିଟି ସଭାପତି ଡ଼. ପ୍ରସନ୍ନ କୁମାର ଦଳାଇ, ସମ୍ମାନିତ ଅତିଥି ଗଞ୍ଜାମ ଜିଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ସାହୁ, ବେଦଧ୍ୱନି ଉଚ୍ଚାରକ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ, କବିସୂର୍ଯ୍ୟ ବଳଦେବ ବିଜ୍ଞାନ କଲେଜ ପରିଚାଳନା ସମିତି ସଭାପତି ସୁରେନ୍ଦ୍ର ନାୟକ, ଶିକ୍ଷାବିତ କିଶୋର ପଣ୍ଡା ଯୋଗଦେଇ ନିଜ ନିଜର ମନ୍ତବ୍ୟ ଦେଇଥିଲେ। ଅଧ୍ୟାପିକା ଡ଼. ସୌଭାଗ୍ୟ ମଞ୍ଜରୀ ନାଥ ସ୍ୱାଗତ ଭାଷଣ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ କ୍ରୀଡା, ନୃତ୍ୟ, ସଂସ୍କୃତି ଓ ସାମାଜିକ କାର୍ଯ୍ୟକଳାପରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର, ସିଲ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍ପରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ରୁନି ପାଣିଗ୍ରାହୀ ସଂଯୋଜନା କରିଥିଲେ। ଅଧ୍ୟାପିକା,ଅଧ୍ୟାପିକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସିପିଆଇ ପକ୍ଷରୁ ପରିବର୍ଦ୍ଧିତ ଆଲୋଚନା ସଭା

ଦିଗପହଣ୍ଡି,୩୧।୧(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ପୋଡ଼ାବାଡ଼ି ଗ୍ରାମରେ ସିପିଆଇ ଶାଖା ପକ୍ଷରୁ ପରିବର୍ଦ୍ଧିତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଶାଖା ସମ୍ପାଦକ ସୋମନାଥ ଦଳାଇଙ୍କ ସଂଯୋଜନାରେ ଆୟୋଜିତ ସଭାରେ କୁନି ଗୌଡ଼ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ବୃନ୍ଦାବନ ପଣ୍ଡା ଏବଂ ମୁଖ୍ୟଅତିଥି ଭାବେ ଶ୍ରମିକ ସଙ୍ଗଠନ ଏଆଇଟିୟୁସିର ଗଞ୍ଜାମ ଜିଲା ସାଧାରଣ ସମ୍ପାଦକ ଅଳକ ନାଥ ମିଶ୍ର ଯୋଗ ଦେଇଥିଲେ। ସଭାରେ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ନିର୍ଦ୍ଧାରଣ ଗୃହୀତ କରାଯାଇଥିଲା। ପୋଡ଼ାବାଡ଼ି, ଗୁମା ଓ ମଥୁରା ଗ୍ରାମର ସମସ୍ତ ଚାଷଜମିକୁ କେନାଲ ଜରିଆରେ ଜଳସେଚନ ବ୍ୟବସ୍ଥା କରାଯିବା, ସମସ୍ତ ଗରିବ ଅସହାୟଙ୍କୁ ବିଜୁ ପକ୍କାଘର ଯୋଗାଇଦେବା ନେଇ ଆଗତ ପ୍ରସ୍ତାବ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ସଭାରେ କାଶୀନାଥ ଗୌଡ଼, ତାରିଣୀ ଗୌଡ଼, ମଙ୍ଗୁଲୁ ଦଳେଇ, ରାମହରି ଗୌଡ଼, ରାମେଶ୍ୱର ନାୟକ, ଅନିଲ ଗୌଡ଼, ଜୟନ୍ତୀ ସାହୁ, କୁରି ନାୟକ, ଚନ୍ଦ୍ରମା ନାୟକ, ଲଳିତା ଦଳେଇ, ରାମକୃଷ୍ଣ ଦଳେଇ, ବିଜୟ ବାଡ଼ତ୍ୟା, ନୟନି ଗୌଡ଼, କାଞ୍ଚନ ଦଳେଇ, କୁନ୍ତଳା ଗୌଡ଼, ଧୋବଣୀ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଗଞ୍ଜାମ,୩୧।୧(ବିଦ୍ୟାଧର ସାହୁ) ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳୀ ସହୀଦ ଭଗତ ସିଂ କଲେଜରେ ନୂଆ -ଓ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟ ଜଗନ୍ନାଥ ସଂସ୍କୃତିର ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସହୀଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦିବାକର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଡ଼ଃ ସୁରେନ୍ଦ୍ର ନାଥ ପାଣିଗ୍ରାହୀ, ମୁଖ୍ୟ ବକ୍ତା ଡ଼ଃ ଲକ୍ଷ୍ମୀ ନାରାୟଣ ଦାସ, ସମ୍ମାନିତ ଅତିଥି ଶହୀଦ ଭଗତ ସିଂ ସ୍ନାତକ ମହାବିଦ୍ୟାଳୟ ଅଧ୍ୟାପିକା ଡ଼ଃ ଜୟନ୍ତୀ ବେହେରା, ପ୍ରାଧ୍ୟାପକ ଅଭିମନ୍ୟୁ ସାହୁ, ଡ଼ଃ ଭଗବାନ ତ୍ରିପାଠୀ, ମୋଚିରାମ ନାହାକ, ନୋଡାଲ ଅଫିସର ସରୋଜ ଦାସ, ଅଧ୍ୟାପକ ସତ୍ୟ ଭୂଷଣ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଡ଼ଃ ଗୌରୀ ଶଙ୍କର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର, ପ୍ରଶଂସା ପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଜଗନ୍ନାଥପ୍ରସାଦ,୩୧।୧(ବିଷ୍ଣୁ ପ୍ରସାଦ ପଟ୍ଟନାୟକ): ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ବୁଧବାର ବିଡ଼ିପୁର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରଶ୍ମିତା ସାହୁ ଓ ସମିତିସଭ୍ୟା ଗୀତାରାଣୀ ବାରିକଙ୍କ ମିଳିତ ସଂଯୋଜନାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଦ୍ୱାରା ଲୋକେ କିଭଳି ସୁବିଧା ପାଇପାରୁଛନ୍ତି ସେ ବିଷୟରେ ଲୋକଙ୍କୁ ସଚେତନତା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷ ରଞ୍ଜିତ କୁମାର ପାତ୍ର ଓ ବିଡିଓ ଅଶ୍ୱିନୀ କୁମାର ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କନ୍ଧମାଳ ଏମପିଙ୍କ ପ୍ରତିନିଧି ବିପ୍ରଚରଣ ବାରିକ, ଜିଲା ପରିଷଦ ସଭ୍ୟା ସୁମିତ୍ରା ପ୍ରଧାନ, ନାଏବ ସରପଞ୍ଚ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଶିଶୁ ବିକାଶ ପ୍ରକଳ୍ପ ଅଧିକରୀ ଦାର୍ଶନୀ ନାୟକ, କନିଷ୍ଠ ଯନ୍ତ୍ରୀ ଦୀପକ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଲୋକଙ୍କୁ ସଚେତନତା କରିଥିଲେ। ଶେଷରେ ବିଜୟ ଧନୁର୍ଜୟପୁର ପଞ୍ଚାୟତରେ ହୋଇଥିବା ବିଭିନ୍ନ ବିକାଶର ଏକ ପୁସ୍ତିକା ଉନ୍ମୋଚିତ କରାଯାଇଥିଲା।

## ଅଗସ୍ତିନୂଆଗାଁ ସ୍କୁଲର ବାର୍ଷିକୋତ୍ସବ

ଛତ୍ରପୁର,୩୧।୧ (ସନ୍ତୋଷ ପାଢ଼ୀ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଅଗସ୍ତି ନୂଆଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୃଷ୍ଣଚନ୍ଦ୍ର ଛାଟୋଇ ସଭାପତିତ୍ୱ କରିଥିଲା ବେଳେ ପ୍ରଧାନଶିକ୍ଷକ ଘନଶ୍ୟାମ ପଣ୍ଡା ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ରୂପେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସୀତାରାମ ପାତ୍ରଙ୍କ ସମେତ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅମିତା ରାଉତ, ସଂଯୁକ୍ତା ରଥ, ପୂର୍ବତନ ଜିଲାପରିଷଦ ସଭ୍ୟ ମୁନା ଦାସ ଓ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସରୋଜ କୁମାର ଦାସ ଯୋଗଦେଇଥିଲେ। ଶେଷରେ ଅତିଥିଙ୍କଙ୍କସ୍ୟ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

ଟିକିଟି,୩୧।୧(ପ୍ରକାଶ ଚନ୍ଦ୍ର ସାହୁ) ଟିକିଟି ବ୍ଲକ ଅନ୍ତର୍ଗତ ଉଭାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଟିକିଟି ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀଧିକାରୀ ସୀମାଞ୍ଚଳ ପଣ୍ଡା ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାରର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଅପରପକ୍ଷରେ ବିଦ୍ୟାଳୟର ଶିକ୍ଷକମାନେ ସମ୍ବଳ ଶିକ୍ଷକ ରୂପେ କାର୍ଯ୍ୟ କରୁଥିବାରୁ ଏହି ବିଦ୍ୟାଳୟ ଆଗାମୀ ଦିନରେ ଛାତ୍ରୀଛାତ୍ରମାନଙ୍କ ଉତ୍ତମ ଶିକ୍ଷାଦାନ କ୍ଷେତ୍ରରେ ଆଗକୁ ଆହୁରି ଭଲ ପ୍ରଦର୍ଶନ କରିପାରିବେ ଓ ଏହିପରି ବାର୍ଷିକ ଉତ୍ସବ ଆୟୋଜନ ଛାତ୍ରୀଛାତ୍ରମାନଙ୍କୁ ଆଗକୁ ବଢ଼ିବାରେ ଉତ୍ସାହିତ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏମାନଙ୍କ ସହ ମଞ୍ଚାସୀନ ଥିଲେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରସାଦ କୁମାର ପ୍ରହରାଜ ଓ ପ୍ରଭାକର ସେଠୀ, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ପାଢ଼ୀ। ବିଦ୍ୟାଳୟ ପରିଚାଳନା ସଭପତି ପିତାମ୍ବର ବେହେରା, ନୂଆପଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କେ ଜଗନ୍ନାଥ ରାଓ, ପତିଗୋବିନ୍ଦପୁର ସିଆର୍‌ସିସି ନିରଞ୍ଜନ ସେଠୀ ଏବଂ ବିଦ୍ୟାଳୟ ପରିଚାଳନା ସଭ୍ୟା ସଭ୍ୟ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା

କବିସୂର୍ଯ୍ୟନଗର, ୩୧।୧(କୃପାସିନ୍ଧୁ ସ୍ୱାଇଁ): ଏହି ବ୍ଲକ ଅନ୍ତର୍ଗତ ସୁନାପଲିଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆସିକା ଏମପି ପ୍ରତିନିଧି ସତ୍ୟବାନ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ବୀରେନ୍ଦ୍ର ଖଟେଇ, ବିଡିଓ ସାଗରିକା ଷଡ଼ଙ୍ଗୀ, ଜିଲା ପରିଷଦ ସନ୍ତୋଷ କୁମାର ପାଢ଼ୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମପି ପ୍ରତିନିଧି ସତ୍ୟବାନ ସାହୁ, ବିଡିଓ ସାଗରୀକା ଷଡଙ୍ଗୀ, ଉପାଧ୍ୟକ୍ଷ ବୀରେନ୍ଦ୍ର ଖଟେଇ, ଜିଲ୍ଲା ପରିଷଦ ସନ୍ତୋଷ କୁମାର ପାଢ଼ୀ, ସରପଞ୍ଚ ଝୁନୁଲତା ଦାସ, ସମିତି ସଭ୍ୟ ଗୀତା ଯାନୀ ପ୍ରମୁଖ ଯୋଗଦେଇଥିଲେ।

# ଶିକ୍ଷକ ନ ଆସିବାରୁ ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରୀଛାତ୍ର




ଭଞ୍ଜନଗର,୩୧।୧(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ବଦଙ୍ଗି ବିଦ୍ୟାଳୟର ୨ ଜଣ ଶିକ୍ଷକ ବୁଧବାର ସରକାରୀ କାର୍ଯ୍ୟରେ ଭଞ୍ଜନଗର ଆସିଥିଲେ। ତେବେ ଶିକ୍ଷକଦ୍ୱୟ ବିଦ୍ୟାଳୟକୁ ଆସି ନ ଥିବା ଦର୍ଶାଇ ଅଭିଭାବକ, ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। ଉପ ଜିଲାପାଳ ଅନିଲ ସେଠୀ ସନ୍ଧ୍ୟାରେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ହଟିଥିଲା।

# ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ପୁସ୍ତିକା ଉନ୍ମୋଚିତ

ଛତ୍ରପୁର,୩୧।୧(ଦିଲୀପ ସାମଲ) : କାଳୀପଲ୍ଲୀ ପଞ୍ଚାୟତରେ 'ଆମ ଓଡିଶା ନବୀନ ଓଡିଶା' ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ବି. ଲକ୍ଷ୍ମୀପାତ୍ର ଓ ସମିତି ସଭ୍ୟ ବିକାଶ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସମସ୍ତ ବିକାଶ ଦିଗରେ ଆଲୋଚନା କରିବା ସହିତ ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାଗୁଡିକୁ ନେଇ ଲୋକଙ୍କୁ ସଚେତନତା କରାଯାଇଥିଲା। ଏହି ଅବସରରେ ପଞ୍ଚାୟତରେ ହୋଇଥିବା ଉନ୍ନୟନ କାର୍ଯ୍ୟର ଏକ ପୁସ୍ତିକା ଉନ୍ମୋଚନ ହୋଇଥିଲା। ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ସୁଶାନ୍ତ କୁମାର ବରାଳ, ଯୁବନେତା ବି. ଚନ୍ଦ୍ରମଣି ପାତ୍ର, ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଅମିତା ସାହୁ, ୨୦ନଂ ଜିଲାପରିଷଦ ସଭ୍ୟ ଏମ. ଧନଞ୍ଜୟ ରେଡ୍ଡୀ,ପୂର୍ବତନ ଜିଲାପରିଷଦ ସଭ୍ୟ ମୁନା ଦାସ,ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ସୁଶାନ୍ତ କୁମାର ସାହୁ ଓ ମଥୁରା ଚରଣ ସୁବୁଦ୍ଧି, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପାରାଓ, କାଉନସିଲର ଦେବଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିମାନେ ଉନ୍ନୟନ କାର୍ଯ୍ୟର ପୁସ୍ତକ ଉନ୍ମୋଚନ କରୁଛନ୍ତି।

